ପୁଞ୍ଜି ବିନିଯୋଗକାରୀଙ୍କ ପାଇଁ କର୍ମଶାଳା

ଭୁବନେଶ୍ୱର, (ଆପ୍ର) : ଦ ଇନଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟଣ୍ଟ୍ ଅଫ୍ ଇଣ୍ଡିଆର ଭୁବନେଶ୍ୱର ଚାପ୍ଟର ଆନୁକୂଲ୍ୟରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି। ପୁଞ୍ଜି ବିନିଯୋଗ ସଂପର୍କରେ ହୋଇଥିବା ଏହି କର୍ମଶାଳାଟି ଭାରତ ସରକାରଙ୍କ ମିନିଷ୍ଟ୍ରି ଅଫ୍ କର୍ପୋରେଟ୍ ଆଫେୟାର୍ସର ନିୟମ ଅନୁଯାୟୀ ହୋଇଅଛି। ଜନସାଧାରଣଙ୍କୁ ପୁଞ୍ଜି ବିନିଯୋଗ ବିଷୟରେ ସଚେତନତା କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱର ଚାପ୍ଟର ଆନୁକୂଲ୍ୟରେ ପୁଞ୍ଜି ବିନିଯୋଗର ସୁବିଧା ଓ ସୁଯୋଗ ମ୍ୟୁଚୁଆଲ ଫଣ୍ଡ ଆଣ୍ଡ କ୍ୟାପିଟାଲ ମାର୍କେଟ୍‌ରେ କିପରି ଅଛି, ସେ ବିଷୟରେ ଏହି କର୍ମଶାଳାରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଏହି କର୍ମଶାଳାରେ ୧୫୦ ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଭାଗର ଜନସାଧାରଣ ତଥା କଷ୍ଟ୍ ଆଣ୍ଡ ମ୍ୟାନେଜମେଣ୍ଟ ଆକାଉଣ୍ଟାସ୍ ଆକାଡେମିସିଆନ୍, ରିପ୍ରେଜେଣ୍ଟଟିଭ୍‌ସ ଅଫ୍ ବ୍ୟାଙ୍କ, ଏସ୍‌ବିଆଇ ମ୍ୟୁଚୁଆଲ ଫଣ୍ଡ, ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ, ଇଣ୍ଡଷ୍ଟ୍ରି, ବିର୍ଲା ସନ ଲାଇଫ୍ ମ୍ୟୁଚୁଆଲ ଫଣ୍ଡ, କୋଟାକ୍ ଆଣ୍ଡ ମହିନ୍ଦ୍ରା ମ୍ୟୁଚୁଆଲ ଫଣ୍ଡ ଆଣ୍ଡ ଏଚଡିଏଫସି ମ୍ୟୁଚୁଆଲ ଫଣ୍ଡ ଯୋଗଦେଇ କର୍ମଶାଳାଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଉକ୍ତ କର୍ମଶାଳାରେ ଭୁବନେଶ୍ୱର ଚାପ୍ଟରରେ ଅଧ୍ୟକ୍ଷ ସିଏମଏ ଶିବ ପ୍ରସାଦ କର ସ୍ୱାଗତ ଭାଷଣ ଦେଇଥିବା ବେଳେ ସିଏମଡି ବିଭୂତି ଭୂଷଣ ନାୟକ, ଅଧ୍ୟକ୍ଷ, ପ୍ରଫେସନାଲ ଡେଭଲପମେଣ୍ଟ କମିଟି ସଂକ୍ଷିପ୍ତ ବିବରଣୀ ପାଠ କରିଥିଲେ ଏବଂ ସିଏମଏ ଉତ୍ତମ କୁମାର ନାୟକ, ଉପାଧ୍ୟକ୍ଷ ଧନ୍ୟବାଦ ଭାଷଣ ପ୍ରଦାନ କରିଥିଲେ। ସିଏମଏ ଥୋମାସ ମାଥ୍ୟୁ (ସିଇଓ), ଭୁବନେଶ୍ୱର ଷ୍ଟକ୍ ଏକ୍ସଚେଞ୍ଜ ଲିଃ, ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପୁଞ୍ଜି ବିନିଯୋଗର ସୁବିଧା ସୁଯୋଗ କିପରି ମ୍ୟୁଚୁଆଲ ଫଣ୍ଡ ଆଣ୍ଡ କ୍ୟାପିଟାଲ ମାର୍କେଟ୍‌ରେ ଅଛି ଯେ ବିଷୟରେ ବିବରଣୀ ଦେଇଥିଲେ। ସିଏମଏ ସୌମ୍ୟରଞ୍ଜନ ସିଂହ, ସହ ପରିଚାଳକ (ଅର୍ଥ) ସେସୁ ମ୍ୟୁଚୁଆଲ ଫଣ୍ଡ ଆଣ୍ଡ ଓପେନ୍ ମାର୍କେଟ୍‌ରେ ପୁଞ୍ଜି ବିନିଯୋଗର ଉପକାରିତା ଓ ନିରାପଦ ଉପରେ ବିବରଣୀ ଦେଇଥିଲେ। ଉକ୍ତ ସମାରୋହରେ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ସିଏମଏ ଥୋମାସ ମାଥ୍ୟୁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।